# Visit of National Security Advisor to Washington DC (January 30-February 01, 2023)

February 01, 2023

## ରାଷ୍ଟ୍ରୀୟ ସୁରକ୍ଷା ପରାମର୍ଶଦାତାଙ୍କ ୱାଶିଂଟନ ଡିସି ଗସ୍ତ (30 ଜାନୁଆରୀ-01 ଫେବୃଆରୀ 2023)

**ଫେବୃଆରୀ 01, 2023**

ରାଷ୍ଟ୍ରୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲ 30 ଜାନୁଆରୀରୁ 1 ଫେବୃଆରୀ 2023 ପର୍ଯ୍ୟନ୍ତ ୱାଶିଂଟନ ଡିସି ଗସ୍ତରେ ଯାଇଛନ୍ତି। ତାଙ୍କ ସହ ଭାରତର ବରିଷ୍ଠ ଅଧିକାରୀ ଓ ଶିଳ୍ପପତିମାନେ ମଧ୍ୟ ଯାଇଛନ୍ତି।

ଏହି ଗସ୍ତ ସମୟରେ ଡୋଭାଲ ଆମେରିକାର ନୀତି ନିର୍ଦ୍ଧାରଣକାରୀ ଓ ହିତାଧିକାରୀଙ୍କ ସମେତ ସରକାର, କଂଗ୍ରେସ, ବ୍ୟବସାୟ, ଶିକ୍ଷାବିତ ଏବଂ ଗବେଷକ ଗୋଷ୍ଠୀମାନଙ୍କ ସହିତ ପାରସ୍ପରିକ ସ୍ୱାର୍ଥର ଦ୍ୱିପାକ୍ଷିକ, ଆଞ୍ଚଳିକ ଏବଂ ବୈଶ୍ୱିକ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ। ଆମେରିକାର ରାଷ୍ଟ୍ରୀୟ ସୁରକ୍ଷା ପରାମର୍ଶଦାତା ଜେକ୍ ସୁଲିଭାନଙ୍କ ସହ ସାକ୍ଷାତ କରିବା ବ୍ୟତୀତ ସେ ଆମେରିକା ସେନାର ଯୁଗ୍ମ ମୁଖ୍ୟମାନଙ୍କ ଅଧ୍ୟକ୍ଷ ଜେନେରାଲ ମାର୍କ ମିଲି, କାର୍ଯ୍ୟନିର୍ବାହୀ ପ୍ରତିରକ୍ଷା ସଚିବ କ୍ୟାଥଲିନ୍ ହିକ୍ସ, ପ୍ରମୁଖ ସିନେଟର ଏବଂ ଶିଳ୍ପପତିମାନଙ୍କୁ ମଧ୍ୟ ଭେଟିଥିଲେ। ଏହି ଗସ୍ତ ସମୟରେ ସେ ବୈଦେଶିକ ମନ୍ତ୍ରୀ ଆଣ୍ଟୋନି ବ୍ଲିଙ୍କେନଙ୍କୁ ଭେଟିବାର କାର୍ଯ୍ୟକ୍ରମ ରହିଛି।

ଡୋଭାଲ ଏବଂ ରାଷ୍ଟ୍ରୀୟ ସୁରକ୍ଷା ପରାମର୍ଶଦାତା ସୁଲିଭାନ 31 ଜାନୁଆରୀ 2023 ରେ ହ୍ୱାଇଟ ହାଉସରେ ଜଟିଳ ଓ ଉଦୀୟମାନ ପ୍ରଯୁକ୍ତିବିଦ୍ୟା (ଆଇସିଇଟି) କାର୍ଯ୍ୟକ୍ରମର ପ୍ରଥମ ବୈଠକରେ ସହ-ଅଧ୍ୟକ୍ଷତା କରିଥିଲେ। ଏହି ବୈଠକ ମଇ 2022 ରେ ଟୋକିଓରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଆମେରିକାର ରାଷ୍ଟ୍ରପତି ଜୋସେଫ ବାଇଡେନଙ୍କ ଦ୍ୱାରା କରାଯାଇଥିବା ଘୋଷଣା ଅନୁଯାୟୀ ଆୟୋଜିତ ହୋଇଥିଲା। ଏହି ବୈଠକରେ ଆମେରିକାରେ ଭାରତର ରାଷ୍ଟ୍ରଦୂତ, ମୁଖ୍ୟ ବୈଜ୍ଞାନିକ ପରାମର୍ଶଦାତା, ଟେଲି ଯୋଗାଯୋଗ ବିଭାଗର ସଚିବ, ଇସ୍ରୋର ଚେୟାରମ୍ୟାନ, ପ୍ରତିରକ୍ଷା ମନ୍ତ୍ରୀଙ୍କ ବୈଜ୍ଞାନିକ ପରାମର୍ଶଦାତା, ଡିଆରଡିଓର ମହାନିର୍ଦ୍ଦେଶକ ଏବଂ ରାଷ୍ଟ୍ରୀୟ ସୁରକ୍ଷା ପରିଷଦ ସଚିବାଳୟ ଏବଂ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରଣାଳୟର ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଆମେରିକା ପକ୍ଷରୁ ନାସା ପ୍ରଶାସକ, ରାଷ୍ଟ୍ରୀୟ ବିଜ୍ଞାନ ସଂସ୍ଥାନ ବା ଏନଏସଏଫର ନିର୍ଦ୍ଦେଶକ, ରାଷ୍ଟ୍ରୀୟ ସୁରକ୍ଷା ଉପ-ପରାମର୍ଶଦାତା ଏବଂ ଅନ୍ୟ ଅଧିକାରୀମାନେ ଅଂଶଗ୍ରହଣ କରିଥିଲେ।

ପ୍ରଯୁକ୍ତିବିଦ୍ୟା ମୂଲ୍ୟ ଶୃଙ୍ଖଳା ନିର୍ମାଣ କରି ଦୁଇ ଦେଶକୁ ବିଶ୍ୱସ୍ତ ପ୍ରଯୁକ୍ତିବିଦ୍ୟା ସହଭାଗୀ ଭାବରେ ସ୍ଥାନିତ କରିବାକୁ ଏବଂ ସାମଗ୍ରୀଗୁଡିକର ମିଳିତ ବିକାଶ ଓ ଉତ୍ପାଦନକୁ ସମର୍ଥନ କରିବା ଆଇସିଇଟିର ଲକ୍ଷ୍ୟ। ଏହା ମଧ୍ୟ ଏକ ସ୍ଥାୟୀ ମେକାନିଜିମ ମାଧ୍ୟମରେ ନିୟାମକ ପ୍ରତିବନ୍ଧକ, ରପ୍ତାନି ନିୟନ୍ତ୍ରଣ ଏବଂ ଗତିଶୀଳତା ପ୍ରତିବନ୍ଧକର ସମାଧାନ କରିବାକୁ ଲକ୍ଷ୍ୟ ରଖିଛି। ଆଇନଗତ ପରିବର୍ତ୍ତନ ପାଇଁ ପ୍ରୟାସ ସମେତ କେତେକ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ଭାରତ ପାଇଁ ରପ୍ତାନି ପ୍ରତିବନ୍ଧକକୁ ସହଜ କରିବାକୁ ଆମେରିକା ପକ୍ଷ ନିଜର ସମର୍ଥନ ପାଇଁ ପ୍ରତିଶୃତି ଦେଇଥିଲେ। ଏକ୍ସପୋ, ହ୍ୟାକାଥନ ଏବଂ ପିଚିଂ ଅଧିବେଶନ ମାଧ୍ୟମରେ ଷ୍ଟାର୍ଟଅପ ଇକୋସିଷ୍ଟମ ମଧ୍ୟରେ ସଂଯୋଗକୁ ମଜବୁତ କରିବା ଏବଂ ଦୁଇ ଦେଶ ମଧ୍ୟରେ ପ୍ରମୁଖ କ୍ଷେତ୍ରଗୁଡିକରେ ନବସୃଜନତା ସେତୁ ନିର୍ମାଣ ଉପରେ ଗୁରୁତ୍ୱ ଦିଆଯାଇଥିଲା।

କ୍ୱାଣ୍ଟମ ପ୍ରଯୁକ୍ତିବିଦ୍ୟାର ଗୁରୁତ୍ୱକୁ ଚିହ୍ନଟ କରି ଉଭୟ ପକ୍ଷ ଶିଳ୍ପ ଓ ଶିକ୍ଷା କ୍ଷେତ୍ରର ଯୋଗଦାନ ସହିତ ଏକ କ୍ୱାଣ୍ଟମ ସମନ୍ୱୟ ପ୍ରଣାଳୀ ପ୍ରତିଷ୍ଠା କରିଥିଲେ। ସେମିକଣ୍ଡକ୍ଟର କ୍ଷେତ୍ରରେ ଆମେରିକା ଭାରତରେ ଏକ ଫ୍ୟାବ୍ରିକେସନ ଇକୋସିଷ୍ଟମର ବିକାଶକୁ ସମର୍ଥନ କରିଥିଲା ଏବଂ ପରିପକ୍ୱ ପ୍ରଯୁକ୍ତିବିଦ୍ୟା ନୋଡ୍ ଓ ଉନ୍ନତ ପ୍ୟାକେଜିଂ ପାଇଁ ମିଳିତ ଉଦ୍ୟୋଗ ଓ ସହଭାଗିତାକୁ ଉତ୍ସାହିତ କରିଥିଲା। ଭାରତର ସେମିକଣ୍ଡକ୍ଟର ମିଶନ, ଭାରତର ଇଲେକ୍ଟ୍ରୋନିକ୍ସ ସେମିକଣ୍ଡକ୍ଟର ସଂଘ (ଆଇଇଏସଏ) ଏବଂ ଆମେରିକାର ସେମିକଣ୍ଡକ୍ଟର ଶିଳ୍ପ ସଂଘ (ଏସଆଇଏ) କୁ ନେଇ ଏକ ଟାସ୍କଫୋର୍ସ ଗଠନ କରି ନିକଟ ସମୟର ସୁଯୋଗ ଚିହ୍ନଟ କରିବା ଏବଂ ସେମିକଣ୍ଡକ୍ଟର ଇକୋସିଷ୍ଟମର ଦୀର୍ଘମିଆଦି ବିକାଶକୁ ସହଜ କରିବା ପାଇଁ "ପ୍ରସ୍ତୁତି ମୂଲ୍ୟାଙ୍କନ" ବିକାଶ ନିମନ୍ତେ ସହମତି ପ୍ରକାଶ ପାଇଥିଲା।

ପ୍ରତିରକ୍ଷା ଉତ୍ପାଦନ କ୍ଷେତ୍ରରେ ଉଭୟ ପକ୍ଷ ପାରସ୍ପରିକ ଆଗ୍ରହର ପ୍ରମୁଖ ସାମଗ୍ରୀର ମିଳିତ ଉତ୍ପାଦନ ଉପରେ ଧ୍ୟାନ ଦେବାକୁ ସହମତ ହୋଇଥିଲେ। ସ୍ୱଦେଶୀ ନିର୍ମିତ ହାଲୁକା ଲଢୁଆ ବିମାନ ପାଇଁ ଭାରତରେ ଜେଟ୍ ଇଞ୍ଜିନ ଉତ୍ପାଦନ ପାଇଁ ମେସର୍ସ ଜେନେରାଲ୍ ଇଲେକ୍ଟ୍ରିକ ଦ୍ୱାରା ଦାଖଲ ହୋଇଥିବା ଲାଇସେନ୍ସ ଆବେଦନକୁ ତ୍ୱରିତ ସମୀକ୍ଷା ପାଇଁ ଆମେରିକା ପ୍ରତିଶ୍ରୁତି ଦେଇଥିଲା। ଉଭୟ ପାର୍ଶ୍ୱର ପ୍ରତିରକ୍ଷା ଷ୍ଟାର୍ଟଅପଗୁଡ଼ିକୁ ସଂଯୋଗ କରିବା ପାଇଁ ଏକ ନୂତନ ନବସୃଜନତା ସେତୁ ନିର୍ମିତ ହେବ।

ଭାରତର ମହାକାଶ କ୍ଷେତ୍ରକୁ ଖୋଲିବା ଦ୍ୱାରା ସୃଷ୍ଟି ହୋଇଥିବା ସୁଯୋଗ ଏବଂ ଆମେରିକାରେ ଭାରତର ମହାକାଶ ଟେକ୍ କମ୍ପାନୀଗୁଡ଼ିକର ଅବଦାନକୁ ପ୍ରଶଂସା କରାଯାଇଥିଲା। ମାନବ ମହାକାଶ ଉଡ଼ାଣ କାର୍ଯ୍ୟକ୍ରମ, ନାସାର ବାଣିଜ୍ୟିକ ଚନ୍ଦ୍ର ପେଲୋଡ୍ ସର୍ଭିସ (ସିଏଲପିଏସ) ପ୍ରକଳ୍ପ ଏବଂ ଏସଟିଇଏମ ପ୍ରତିଭା ବିନିମୟ କ୍ଷେତ୍ରରେ ଇସ୍ରୋ ନାସା ସହିତ କାର୍ଯ୍ୟ କରିବ ବୋଲି ସହମତି ହୋଇଥିଲା।

ପରବର୍ତ୍ତୀ ପିଢ଼ିର ଟେଲି ଯୋଗାଯୋଗ କ୍ଷେତ୍ରରେ ଭାରତର ପ୍ରତିଯୋଗୀତାମୂଳକ ଦର ଓ ବ୍ୟାପକତାକୁ ଦୃଷ୍ଟିରେ ରଖି ଉଭୟ ପକ୍ଷ ବିଶ୍ୱସ୍ତ ଉତ୍ସକୁ ବ୍ୟବହାର କରି 5ଜି/6ଜି ଏବଂ ଓରାନକୁ ଅନ୍ତର୍ଭୁକ୍ତ କରୁଥିବା ଏକ ସରକାରୀ-ବେସରକାରୀ ଆଲୋଚନା ଆରମ୍ଭ କରିବାକୁ ସହମତ ହୋଇଥିଲେ।

ଆଇସିଇଟି ଉଦଘାଟନ ସମୟରେ ଭାରତର ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ବିଭାଗ ଏବଂ ଆମେରିକାର ରାଷ୍ଟ୍ରୀୟ ବିଜ୍ଞାନ ସଂସ୍ଥାନ ମଧ୍ୟରେ ଏକ ନୂତନ କାର୍ଯ୍ୟାନ୍ୱୟନ ବ୍ୟବସ୍ଥା ଭାରତର ରାଷ୍ଟ୍ରଦୂତ ଏବଂ ଆମେରିକାର ରାଷ୍ଟ୍ରୀୟ ବିଜ୍ଞାନ ସଂସ୍ଥାନର ନିର୍ଦ୍ଦେଶକଙ୍କ ଦ୍ୱାରା ସ୍ୱାକ୍ଷରିତ ହୋଇଥିଲା। ଏହା ସିଇଟି କ୍ଷେତ୍ରରେ ମିଳିତ ଗବେଷଣାକୁ ବ୍ୟାପକ କରିବ।

30 ଜାନୁଆରୀ 2023 ରେ ଆମେରିକାର ବ୍ୟବସାୟ ସଂଗଠନ ବା ଚାମ୍ବର ଅଫ୍ କମର୍ସରେ ଆମେରିକା ଏବଂ ଭାରତୀୟ ଶିଳ୍ପର ଯୋଗଦାନରେ ଏକ ଆଇସିଇଟି ରାଉଣ୍ଡ ଟେବୁଲ୍ ଅନୁଷ୍ଠିତ ହୋଇଥିଲା। ସରକାରୀ, ଶିଳ୍ପ ଏବଂ ଶିକ୍ଷା କ୍ଷେତ୍ରରେ ଉଚ୍ଚସ୍ତରୀୟ ବୈଷୟିକ ଭାଗିଦାରୀକୁ ବୃଦ୍ଧି କରିବା ନିମନ୍ତେ ଏହା ଚିନ୍ତାଧାରା ପ୍ରକାଶ କରିବା ପାଇଁ ଏକ ସୁଯୋଗ ପ୍ରଦାନ କରିଥିଲା।

ରାଷ୍ଟ୍ରଦୂତ ତରଞ୍ଜିତ ସାନ୍ଧୁ ମଧ୍ୟ ଇଣ୍ଡିଆ ହାଉସରେ ରାଷ୍ଟ୍ରୀୟ ସୁରକ୍ଷା ପରାମର୍ଶଦାତା ଡୋଭାଲଙ୍କ ପାଇଁ ଏକ ସ୍ୱାଗତ କାର୍ଯ୍ୟକ୍ରମ ଆୟୋଜନ କରିଥିଲେ ଯେଉଁଥିରେ ଆମେରିକାର ବାଣିଜ୍ୟ ସଚିବ ଜିନା ରାଇମୋଣ୍ଡୋ, ରାଷ୍ଟ୍ରୀୟ ସୁରକ୍ଷା ପରାମର୍ଶଦାତା ଜେକ୍ ସୁଲିଭାନ, କାର୍ଯ୍ୟନିର୍ବାହୀ ବୈଦେଶିକ ସଚିବ ୱେଣ୍ଡି ଶେରମାନ, ଆମେରିକା ପ୍ରଶାସନର ବହୁ ଉଚ୍ଚ ପଦାଧିକାରୀ, ଉନ୍ନତ ପ୍ରଯୁକ୍ତିବିଦ୍ୟା କମ୍ପାନୀ ତଥା ପାଣ୍ଠିର ସିଇଓ, ଏବଂ ଆମେରିକାର ଅଗ୍ରଣୀ ବିଶ୍ୱବିଦ୍ୟାଳୟଗୁଡ଼ିକର ମୁଖ୍ୟମାନେ ଉପସ୍ଥିତ ଥିଲେ।

ଏହି ଗସ୍ତ ସମୟରେ ହୋଇଥିବା ଆଲୋଚନାଗୁଡିକ ଅତ୍ୟାଧୁନିକ କ୍ଷେତ୍ରଗୁଡିକରେ ଭାରତ-ଆମେରିକା ସହଯୋଗକୁ ଆହୁରି ବୃଦ୍ଧି କରିବା ପାଇଁ ଆଧାର ସୃଷ୍ଟି କରିଛି ଏବଂ ଏହା ଭାରତ-ଆମେରିକାର ବ୍ୟାପକ ଓ ବୈଶ୍ୱିକ ରଣନୀତିକ ସହଭାଗୀତାର ପରିପକ୍ୱତାକୁ ପ୍ରତିଫଳିତ କରିଛି। ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଫଳାଫଳ ଭିତ୍ତିକ ଲକ୍ଷ୍ୟ ହାସଲ କରିବା ନିମନ୍ତେ ଉଭୟ ଦେଶ ନିରନ୍ତର ଧ୍ୟାନ ବଜାୟ ରଖିବାକୁ ସହମତ ହୋଇଥିଲେ।

**ୱାଶିଂଟନ ଡିସି**

**ଜାନୁଆରୀ 31, 2023**

DISCLAIMER: This is an approximate translation. The original is available in English on MEA's website and may be referred to as the official press release.